# ପ୍ରଚାର ଶେଷ, ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ

**ରାୟଗଡ଼ା ଅଫିସ, ୨୨।୩**

ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପିଲା ରାୟଗଡ଼ା ସହରର ବିଭିନ୍ନ ସାହିବସ୍ତି। ପ୍ରମୁଖ ଦଳୀୟ ପ୍ରାର୍ଥୀ ପ୍ରଚାର ରଣାଙ୍ଗନରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। କଂଗ୍ରେସ, ଭାଜପା ଓ ବିଜେଡିର ହେଭିୱେଟ୍ ନେତା ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ। ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ବିଜେଡିର ପ୍ରଚାର ମଙ୍ଗ ଧରିଥିଲେ। ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସାହି ଗଳି ବୁଲି ଦଳର ପୌରାଧ୍ୟକ୍ଷ ଓ କାଉନ୍ସିଲର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ



କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

ଜନତାଙ୍କୁ ଅନୁରୋଧ କରିଥିଲେ। ରୋଡ୍ ଶୋ'ରେ ରାୟଗଡ଼ା ପୌରାଞ୍ଚଳର ସମସ୍ତ ୱାର୍ଡ ପରିକ୍ରମା କରି ପୌରାଧ୍ୟକ୍ଷ ପ୍ରାର୍ଥୀ ପି. ମହେଶ ପଟ୍ଟନାୟକଙ୍କୁ ଭୋଟ ଦେବା ପାଇଁ ସେ ଲୋକଙ୍କୁ ଅନୁରୋଧ କରିଥିଲେ। ସନ୍ଧ୍ୟା ୫ଟାରେ ପ୍ରଚାର ବନ୍ଦ ହୋଇଯାଇଛି। ଏହାପରେ ବିଭିନ୍ନ ଦଳର ନେତାମାନେ ନିଜ ପରିବାର ଓ ସମ୍ପର୍କୀୟଙ୍କ ସାହାଯ୍ୟରେ ଘରକୁ ଘର ବୁଲି ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଛନ୍ତି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସହରର ବିଭିନ୍ନ ସାହିବସ୍ତି ବୁଲି ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପାଇଁ କଂଗ୍ରେସକୁ ଭୋଟ ଦେବାକୁ ସେ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ରାୟଗଡା ପୌରାଞ୍ଚଳରେ କଂଗ୍ରେସ କ୍ଷମତାକୁ ଫେରିଲେ ସହରାଞ୍ଚଳବାସୀଙ୍କୁ ସ୍ମାର୍ଟ ସୁବିଧା ମିଳିବା ନେଇ ସେ ଆଶ୍ୱାସନା ଦେଇଥିଲେ। ସପ୍ତଗିରି ମଧ୍ୟ ଅନୁରୂପ ରୋଡ଼ଶୋ ଆୟୋଜନ କରି ପ୍ରତ୍ୟେକ ୱାର୍ଡ ବୁଲି ଲୋକଙ୍କୁ କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥୀ ଆପଲ ସ୍ୱାମୀ କାଡ୍ରାକା ଓ କାଉନସିଲର ପ୍ରାର୍ଥୀମାନଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଗୁରୁବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟ ଗ୍ରହଣ ହେବା ନେଇ ତାରିଖ ଧାର୍ଯ୍ୟ ହୋଇଛି। ରାୟଗଡ଼ା ପୌରାଞ୍ଚଳ ସମେତ ଗୁଣୁପୁର ପୌରପାଳିକା ଓ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭୋଟ ଗ୍ରହଣ ହେବ। ଗୁରୁବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟ ଗ୍ରହଣ ହେବା ନେଇ ତାରିଖ ଧାର୍ଯ୍ୟ ହୋଇଛି। ରାୟଗଡ଼ା ପୌରାଞ୍ଚଳ ସମେତ ଗୁଣପୁର ପୌରପାଳିକା ଓ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭୋଟ ଗ୍ରହଣ ହେବ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଦଶମନ୍ତପୁର, ୨୨।୩ (ଡ଼ି.ଏନ.ଏ.)- ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ କେ. ଦଣ୍ଡାବାଡ ଗ୍ରାମରେ ଜଣେ ବିବାହିତ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାରିକ ଜାନି (୨୫) ତାଙ୍କ ଆତ୍ମହତ୍ୟା କାରଣ ଜଣାପଡି ନ ଥିବା ବେଳେ ଏନେଇ ଥାନାରେ ମଧ କୌଣସି ଅଭିଯୋଗ ହୋଇ ନାହିଁ। ବାରିକଙ୍କ ବାପା ଦର୍ଶନ ଜାନିଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ ଯେ, ତାଙ୍କ ପୁଅର ଦୁଇଟି ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହେଲା ପରେ ଦ୍ୱିତୀୟ ସ୍ତ୍ରୀଙ୍କ ସହ କୁଲି ଭୁତି କାମ କରି ଚଳି ଆସୁଥିଲେ। ସୋମବାର ସଂଧ୍ୟାରୁ କାମକୁ ଯାଇ ଆଉ ଘରେ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମର ଜଣେ ବ୍ୟକ୍ତି ଶୌଚ ହେବାକୁ ନାଳକୁ ଯାଉଥିବା ବେଳେ ତାଙ୍କ ମକା ବାଡ଼ର ଏକ ପଣସ ଗଛ ଡାଳରେ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖି ସମ୍ପୃକ୍ତ ବ୍ୟକ୍ତି ଜଣକ ଆମକୁ ଖବର ଦେଇଥିଲେ ବୋଲି ଦର୍ଶନ କହିଛନ୍ତି।

### ଅବକାରୀ ଚଢାଉ, ୪ ଗିରଫ

ଜୟପୁର, ୨୨।୩ (ନି.ପ୍ର.)- ଜୟପୁର ଅବକାରୀ ବିଭାଗ ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ୫୦ ଲିଟର ଦେଶୀ ମଦ ଜବତ ହୋଇଛି। ସହରର ଖ୍ରୀଷ୍ଟିଆନପେଟାରେ ଚଢାଉ କରି ଆଶିଷ ବେନିୟାଙ୍କୁ ଗିରଫ କରିଥିବା ବେଳେ ଫରେଷ୍ଟ କଲୋନୀରେ ଚଢାଉ କରି ସୋମନାଥ ରଣାଙ୍କୁ ଗିରଫ କରିଛି । ସେହିପରି ପାରେବେଢାରେ ଚଢାଉ କରି ମହମ୍ମଦ ଇସାକଙ୍କୁ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଜୟପୁର ସଦର ପୋଲିସ ଚଢାଉ କରି କଳାଗୁଡାରୁ ଏକ ବାଇକ୍‌ରେ ମଦ ଧରି ସହରକୁ ଆସୁଥିବା ମନୁ ତୁରୁକଙ୍କୁ ଗିରଫ କରିଛି । ତାଙ୍କଠାରୁ ୩୦ ଲିଟର ଦେଶୀ ମଦ ଓ ବାଇକକୁ ଜବତହୋଇଛି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ଲକସ୍ତରୀୟ ଜନଶୁଣାଣି

ମାଲକାନଗିରି, ୨୨।୩(ଡି.ଏନ୍.ଏ.)- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମାଲକାନଗିରି ବ୍ଲକ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଯୋଗଦେଇଥିଲେ। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ମମତା ଯୋଜନା, ପିଡିଏସ୍ ଚାଉଳ ବଣ୍ଟନ, ଗର୍ଭବତୀଙ୍କୁ ଛତୁଆ ଓ ଅଣ୍ଡା ବଣ୍ଟନ, ବୃକ୍ଷରୋପଣ, ରାସ୍ତା ନିର୍ମାଣ, ଖେଳପଡ଼ିଆ ନିର୍ମାଣ କାର୍ଯ୍ୟଗୁଡ଼ିକର ଜନଶୁଣାଣି କରା ଯାଇଥିଲା। ଯୋଜନାରେ ପ୍ରତ୍ୟେକ ଗ୍ରାମର ମହିଳା, ପୁରୁଷମାନେ ଯେପରି ଶହେଦିନର କାମ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଡିଓ ଅଜୟ ପ୍ରଧାନ, ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ସିଡିପିଓ ବି. ପଦ୍ମା, ଏପିଓ ମେନକା ପ୍ରଧାନ, ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ଗ୍ରାମ ସଂଯୋଜକ, ଜିଆର୍‌ଏସ୍, ପିଇଓ ଏବଂ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଜୟପୁରରେ ପହଞ୍ଚିଲା ପଥକାବ୍ୟ ଯାତ୍ରା

ଜୟପୁର, ୨୨।୩ (ନି.ପ୍ର.)- ଶ୍ରୀରାମଙ୍କ ବନଗମନ ସ୍ମୃତି ସ୍ୱରୂପ ପଥ କାବ୍ୟ ଯାତ୍ରା ଜୟପୁରରେ ମଙ୍ଗଳବାର ପହଞ୍ଚିଛି। ଏହାକୁ ସଂକୀର୍ତ୍ତନ ଦ୍ୱାରା ଶ୍ରଦ୍ଧାଳୁ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଜୟପୁର ପାୱାର ହାଉସ୍‌ଠାରେ ରଥ ପହଞ୍ଚିବା ପରେ ସେଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଶେଷରେ ଏହି ରଥ ଅଗ୍ରସେନ ଭବନରେ ପହଞ୍ଚିଥିଲା। ଏହି ପଥ କାବ୍ୟ ଯାତ୍ରା ଶ୍ରୀଲଙ୍କାରୁ ବାହାରିଥିଲା। ଶ୍ରୀଲଙ୍କାରୁ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ଚିହ୍ନ ଧରି ବାହାରିଥିବା ଏହି ଯାତ୍ରା ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଦେଇ ରାମନବମୀରେ ଅଯୋଧ୍ୟାରେ ପହଞ୍ଚିବ ।

# ଆଇନଜୀବୀ ସଂଘର ଇ-ଲାଇବ୍ରେରି ଉଦ୍‌ଘାଟନ

**ନବରଙ୍ଗପୁର, ୨୨।୩ (ବି.ପ୍ର.)**

ଭର୍ଚୁଆଲ ମୋଡ୍‌ରେ ମଙ୍ଗଳବାର ନବରଙ୍ଗପୁର ଆଇନଜୀବୀ ସଂଘର ଇ-ଲାଇବ୍ରେରିକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଜିଲା କୋର୍ଟ ପରିସରରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ସ୍ୱାଗତ ଭାଷଣ ଦେଇଥିଲେ। ସାରା ଓଡ଼ିଶାରେ ସ୍ଥାପିତ ହୋଇଥିବା ଏହି ଇ-ଲାଇବ୍ରେରି ଆଇନଜୀବୀଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହାଦ୍ୱାରା ସମସ୍ତ ଆଇନଗତ ତଥ୍ୟ, ଦେଶବିଦେଶର ବିଚାରଧାରା, କୋର୍ଟର ନିର୍ଣ୍ଣୟ, ଆଇନ ପୁସ୍ତକ ମିଳିପାରିବ ବୋଲି କୁହାଯାଇଛି। ଏହାଦ୍ୱାରା ଉଭୟ ଆଇନଜୀବୀ ଓ ମହକିଲ ଉପକୃତ ହେବେ ବୋଲି ମୁଖ୍ୟ ବିଚାରପତି ନିଜ ଅଭିଭାଷଣରେ କହିଥିଲେ। ହାଇକୋର୍ଟ ଲାଇବ୍ରେରି କମିଟିର ଅଧ୍ୟକ୍ଷ ଅରିନ୍ଦମ ସିହ୍ନା ଓ ଓଡ଼ିଶା ଆଇନଜୀବୀ



ମହାସଂଘର ଅଧ୍ୟକ୍ଷ ନିର୍ମଳ ରଥ ନିଜ ନିଜ ବକ୍ତବ୍ୟ ରଖିଥିଲେ। ହାଇକୋର୍ଟ ଆପୋସ ବିବାଦ ସମାଧାନ କେନ୍ଦ୍ର ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେ, ଏଡିଜେ ପ୍ରଣତି ସାହା, ଆଡ଼ହକ ଏଡିଜେ, ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ପ୍ରଥମ ଶ୍ରେଣୀ ବିଚାରପତି ଆର୍ଯ୍ୟବାଳା ତ୍ରିପାଠୀ, ଜିଲା ଆଇନଜୀବୀ ସଂଘ ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ସରକାରୀ ଓକିଲ ସଚ୍ଚିଦାନନ୍ଦ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୀନାକ୍ଷୀ ପାଢ଼ୀ, ଶ୍ରୀନିବାସ ପାତ୍ର, ଦାମୋଦର ତ୍ରିପାଠୀ, ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଏହି ଇ-ଲାଇବ୍ରେରିର ପରିଚାଳନା ଓ ରକ୍ଷଣାବେକ୍ଷଣ ଆଇନଜୀବୀ ସଂଘ ପକ୍ଷରୁ କରାଯିବ ବୋଲି ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରିବାରୁ ବିଧାୟକଙ୍କୁ ହତ୍ୟା ଧମକ

**ଜୟପୁର, ୨୨।୩ (ନି.ପ୍ର.)**

**ସହରରେ ଗୁଳି ଫୁଟିବା ଘଟଣା**

ପୌର ନିର୍ବାଚନ ପୂର୍ବରୁ ଜୟପୁର ସହରରେ ଗୁଳି ଫୁଟବା ଘଟଣାକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଘଟଣାର ୩ ଦିନ ବିତିଯାଇଥିଲେ ସୁଦ୍ଧା ପୋଲସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି । ଏହାକୁ ନେଇ କଂଗ୍ରେସ ରାସ୍ତା ଅବରୋଧ କରି ଧାରଣା ଦେଇଥିଲା। ପୋଲିସର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିବାରୁ ଅପରାଧୀ ମାନେ ବିଧାୟକଙ୍କୁ ଫୋନ କରି ଗୁଳି କରି ମାରି ଦେବାକୁ ଧମକ ଦେଇଛନ୍ତି। ତୁରନ୍ତ ମୁଖ୍ୟ ଅପରାଧୀଙ୍କ ସହ ଅନ୍ୟମାନଙ୍କୁ ଗିରଫ କରା ନ ଗଲେ ଏହି ପ୍ରସଙ୍ଗ ଆସନ୍ତା ୨୫ ତାରିଖରେ ବସୁଥିବା ବିଧାନସଭାରେ ଉଠିବ ବୋଲି ବାହିନୀପତି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୯ରେ ସହରର ଗୋପବନ୍ଧୁ ନଗରର କାର୍ତ୍ତିକ ନାଗଙ୍କୁ ଅପହରଣ କରି ହତ୍ୟା ଉଦ୍ୟମ ହୋଇଥିଲା। ଅଭିଯୁକ୍ତମାନେ ପ୍ରଥମେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ସୌଭାଗ୍ୟବଶତଃ ଗୁଳିଟି କାର୍ତ୍ତିକଙ୍କ ଦେହରେ ବାଜି ନ ଥିଲା। ପରେ ସେମାନେ ସ୍କର୍ପିଓରେ କାର୍ତ୍ତିକଙ୍କୁ ଅପହରଣ କରି ନେଇ ଆକ୍ରମଣ କରି କୁମୁଲିପୁଟ ଗ୍ରାମ ନିକଟରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏହି ଘଟଣା ପଛରେ ବିଜେଡିର ହାତ ଥିବା ଅଭିଯୋଗ କରି ବିଧାୟକ ବାହିନୀପତି ଟାଉନ ଥାନା ଘେରାଉ କରିବା ସହ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ । ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ରଥ ମଧ ପୋଲିସର ଦ୍ୱାରସ୍ଥ ହୋଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ପରେ ଟାଉନ ଥାନାରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ପହଞ୍ଚି ଏକ ଖବରଦାତା ସମ୍ମିଳନୀରେ ୪ ଜଣଙ୍କୁ ଗିରଫ କରାଯାଇଥିବା ସେତେବେଳେ ସୂଚନା ଦେଇଥିଲେ।

# ଆଇନଜୀବୀଙ୍କୁ ଉପକୃତ କରିବ ଇ- ଲାଇବ୍ରେରି

**ଜୟପୁର, ୨୨।୩ (ନି.ପ୍ର.)**

ଜୟପୁରସ୍ଥିତ ଜିଲା କୋର୍ଟରେ ମଙ୍ଗଳବାର ଇ-ଲାଇବ୍ରେରି ଉଦ୍‌ଘାଟିତ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲିଧର ଭିଡିଓ କନଫରନେସି ଦ୍ୱାରା ଏହାକୁ ଉଦ୍‌ଘାଟନ କରିଛନ୍ତି । ଇ-ଲାଇବ୍ରେରି ଦ୍ୱାରା ଆଇନଜୀବୀମାନେ ଉପକୃତ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ଜିଲା ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ପୋକ୍ସୋ କୋର୍ଟ ଜଜ୍ ପ୍ରଦିପ୍ତ କୁମାର ସାସମଲ, ଅତିରିକ୍ତ ଜିଲା ଜଜ୍ ରାଜେଶ ଏକ୍କା, ଓକିଲ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ଅନନ୍ଦ ରଥ, ଯୁଗ୍ମ ସମ୍ପାଦକ ଗିରିଧର ଖରା, ରବିନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଉଦ୍‌ଘାଟିତ ହୋଇଥିବା ଇ- ଲାଇବ୍ରେରି।

# ପୁଅ ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ

**ଡାବୁଗାଁ, ୨୨।୩ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବୋରିଗାଁ ଭେଲୁଆଗୁଡା ଗ୍ରାମରେ ପୁଅର ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋରିଗାଁ ଭେଲୁଆଗୁଡା ଗ୍ରାମର ବଳି ଭତ୍ରା(୫୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସନ୍ଥ ଭତ୍ରା (୨୩)ଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ବାପା-ପୁଅଙ୍କ ମଧ୍ୟରେ ଜମି ଜମାକୁ ନେଇ ଝଗଡା ହୋଇ ଆସୁଥିଲା। ସୋମବାର ବଳି ଶୋଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ସନ୍ଥ ତାଙ୍କ ମୁଣ୍ଡକୁ ଶାବଳରେ ଆକ୍ରମଣ କରିଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟ ମୃତକଙ୍କ ମୃତକଙ୍କ ସ୍ତ୍ରୀ ପଦ୍ମା ଘରକୁ ଆସିଥିଲେ। ବଳି ଘର ଅଗଣାରେ ଶୋଇଛନ୍ତି ଓ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ଦେଖି ସେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ବଳି କିନ୍ତୁ ଉଠି ନ ଥିଲେ। ପଦ୍ମାଙ୍କ ପାଟି ଶୁଣି ସାହି ପଡିଶା ଲୋକେ ସେଠାରେ ପହଞ୍ଚି ଥିଲେ। ଏହାପରେ ପଦ୍ମା ସୋମବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳୁ

ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡାବୁଗାଁ ପୋଲିସ ୪୫/୨୨ରେ ଏକ ମାମଲା ରୁଜୁ କରିଛି। ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୂର୍ଗା ଉକ୍ତ ମାମଲାର ତଦନ୍ତ କରୁଛନ୍ତି।

# ମା' କଣ୍ଟାବାଉଁଶୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା



ମାଆ କଣ୍ଟାବାଉଁଶୁଣୀଙ୍କ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଦାମନଯୋଡ଼ି, ୨୨।୩(ଡି.ଏନ୍.ଏ.)**

ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦାମନଯୋଡ଼ିର ଆରାଧ୍ୟା ଦେବୀ ମାଆ କଣ୍ଟାବାଉଁଶୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାନୀତି ସମ୍ପନ୍ନ ହୋଇଛି। ବହୁ ଶ୍ରଦ୍ଧାଳୁ ମା'ଙ୍କ ପ୍ରିୟ ନଡ଼ିଆ, କଦଳୀ, ଅରୁଆ ଚାଉଳ, ପଣା, ନାଲି ମନ୍ଦାର, ନାଲି ଶାଢ଼ି, ଚୁଡ଼ି ଓ ସିନ୍ଦୂର ନେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜକ ବାସୁ ବଡ଼ନାୟକ, ଅର୍ଜୁନ ଦମ, ଜର ବଡ଼ନାୟକ ପୂଜାକାର୍ଯ୍ୟ କରିଥିଲେ। ସେହିପରି ବହୁ ସ୍ଥାନରେ ମହିଳାମାନେ ମା'ବାଟମଙ୍ଗଳାଙ୍କ ପୂଜା କରିଥିଲେ। ଦାଣ୍ଡରେ ପଛେଇ ଖୋଳି ସେଥିରେ ପଣାଭୋଗ ଦେଇ ଏହି ପୂଜା କରାଯାଇଥାଏ। ସେକ୍ଟର-୧, ମାଥାଲପୁଟ ଓ ଭେଜାପୁଟରେ ଥିବା ମା' ମଙ୍ଗଳା ଓ ତାରିଣୀଙ୍କ ମନ୍ଦିର ସହିତ ଅନ୍ୟ ଦେବୀ ମନ୍ଦିରରେ ମଧ ସ୍ୱତନ୍ତ୍ର ପୂଜା ହୋଇଛି।

# ବିଶ୍ୱ ଜଳ ଦିବସ ପାଳିତ




କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ।

**ଜୟପୁର, ୨୨।୩ (ନି.ପ୍ର.)**

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁରଠାରେ ମଙ୍ଗଳବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ସଚେତନତା ପ୍ଲାକାର୍ଡ ଧରି ଜଳ ହିଁ ଜୀବନ, ଜଳକୁ ନଷ୍ଟ ନ କରି ସଂରକ୍ଷଣ କରିବାକୁ ସ୍ଲୋଗାନ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ରୁପଚନ୍ଦ୍ର ସୋରେନ, ମମତା ଝୋଡିଆ, ସୁଶାନ୍ତ ମହାରଣା, ଦୀନବନ୍ଧୁ ହାଲବା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଆଇଇଟି ପକ୍ଷରୁ ରକ୍ତଦାନ ଶିବିର



**ଗୁଣପୁର, ୨୨।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁଣପୁର ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରକୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଏନ୍. ଭି. ଜେ ରାଓ ଉଦ୍‌ଘାଟନ କରିଥିଲେ। ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ଆବାହକ ଡ଼ଃ ପ୍ରେମାଂଶୁ ଶେଖର ରଥ ଶିବର ପରିଚାଳନା କରିଥିଲେ। ରକ୍ତ ଭଣ୍ଡାରର ଟେକ୍ନିସିୟାନ ସୁରୁଚି ରାଣୀ ପାତ୍ର ଓ ଚନ୍ଦ୍ର ଶେଖର ପାତ୍ର ରକ୍ତ ସଂଗ୍ରହ କରିଥିଲେ।

# ବର୍ଷା ସାହିତ୍ୟ ସଂସଦ, ଏସ୍‌ଭିଏମ୍ ପକ୍ଷରୁ ନାଲ୍‌କୋ ଇଡିଙ୍କୁ ସମ୍ବର୍ଦ୍ଧନା



**ଦାମନଯୋଡ଼ି, ୨୨।୩(ଡି.ଏନ୍.ଏ.)**

ଦାମନଯୋଡ଼ିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବର୍ଷା ସାହିତ୍ୟ ସଂସଦ ଓ ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ପୃଥକ୍ ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ହୋଇଥିବା ବେଳେ ବିଦ୍ୟାମନ୍ଦିର ପକ୍ଷରୁ ଅପରାହ୍ନରେ ଏକ ସଭା ହୋଇଥିଲା। ସଭାପତି ପ୍ରଦୀପ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଶ୍ରୀଧର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଦୀପାନିତା ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବର୍ଷା ସାହିତ୍ୟ ସଂସଦ ଉତ୍ସବରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଇଡି ଦାସଙ୍କ ଅବଦାନ ସମ୍ପର୍କରେ ଉପସ୍ଥିତ ଅତିଥି, ସାହିତ୍ୟିକମାନେ ଆଲୋକପାତ କରିଥିଲେ। ଚଳିତମାସ ଶେଷରେ ଅବସର ଗ୍ରହଣ କରିବାକୁ ଥିବା ଇଡି ଦାସ ଏହି ଅବସରରେ କହିଥିଲେ, ଦାମନଯୋଡ଼ିରେ ରହଣି ସମୟର ଅନୁଭୂତି ଓ ସମସ୍ତଙ୍କ ଆତ୍ମୀୟତା ସବୁବେଳେ ମନେରହିବ ବୋଲି କହିଥିଲେ। ଉତ୍ସବରେ ବିଜୟ ଜେନାଙ୍କ ଲିଖିତ ଗଳ୍ପ ସଙ୍କଳନ 'ମାଷ୍ଟର ଷ୍ଟ୍ରୋକ୍' ଓ 'ସୁନାଯୋଡ଼ିର ଗପ-୨' ଇଡି ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଭାରତୀ ସାହୁ ଧନ୍ୟବାଦ ଦେଇଥିଲେ। ସରସ୍ୱତୀ ବିଦ୍ୟାମନ୍ଦିରରେ ହୋଇଥିବା ସଭାରେ ପରିଚାଳନା କମିଟି ସଭାପତି ତଥା ନାଲ୍‌କୋ ସମୂହ ମହାପ୍ରବନ୍ଧକ ବିକାଶ ପଣ୍ଡା, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ସମ୍ପାଦକ ଅଶୋକ ନାୟକ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, ବିଦ୍ୟାମନ୍ଦିର ଅଧ୍ୟକ୍ଷ ଶୁଭାଂଶୁ ଶେଖର ବାହିନୀପତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଡି ଦାସ ୪ ବର୍ଷ ଧରି ଏହି ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଥିଲେ। ସେ ବିଦ୍ୟାମନ୍ଦିରର ଶିକ୍ଷାଦାନ, ଭିତ୍ତିଭୂମି, ପରିଚାଳନା ଓ ସୌନ୍ଦର୍ଯ୍ୟକରଣ ଦିଗରେ ସେତେବେଳେ ବହୁ ଉନ୍ନତି କରିଛନ୍ତି। ଉତ୍ସବରେ ଅଶୋକ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ।

# ନୂତନ ଜଙ୍ଗଲ ସୃଷ୍ଟି, ପୁରୁଣା ଜଙ୍ଗଲର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

**କୋରାପୁଟ, ୨୨।୩(ସ୍ୱ.ପ୍ର.)**

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ**

କୋରାପୁଟ ବନ ବିଭାଗ, କୋଟସ୍ ଓ ଇନ୍‌ଟାକ ଚାପ୍ଟରର ମିଳିତ ସହଯୋଗରେ କୋଟସ୍ ସଭାଗୃହଠାରେ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କୋଟସ୍‌ର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜୟପୁର ବନଖଣ୍ଡ ଅଧିକାରୀ ଜେ.ପି. ସିଂହ ମୁଖ୍ୟ ଅତଥି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଳିତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜନସାଧାରଣଙ୍କ ସହଯୋଗ ରହିଲେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ହୋଇପାରିବ। ପରିବେଶର ସନ୍ତୁଳନ ବଜାୟ ରହିବ। ଜଙ୍ଗଲ ହ୍ରାସ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି। ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି। ଏପରି କ୍ଷେତ୍ରରେ ସରକାର ନୂତନ ଜଙ୍ଗଲ ସୃଷ୍ଟି, ପୁରୁଣା ଜଙ୍ଗଲର ରକ୍ଷଣାବେକ୍ଷଣ ଦିଗରେ ପ୍ରୟାସ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୂତନ ଜଙ୍ଗଲ ସୃଷ୍ଟି ଲାଗି ବନ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଉଲ୍ଲେଖନୀୟ ଭୂମିକା ପାଇଁ ଅତିଥିମାନେ ସେମାନଙ୍କୁ ପୁରସ୍କୃତ କରିଥିଲେ। ଇନ୍‌ଟାକ ଚାପ୍ଟରର ବରିଷ୍ଠ ସଭ୍ୟ ଡ. ସୁରେଶ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ଏସ୍‌ପି ଗନ୍ତାୟତ, ଏସିଏଫ୍ ଉମା ମହେଶ, ଏସିଏଫ୍ ରଞ୍ଜନ କୁମାର ନାଗ, ରେଞ୍ଜର ରୋହିତ କୁମାର, ଉମାକାନ୍ତ ଦାସ, ଡ. ନରେନ୍ଦ୍ର ରଥ, ଗୋପୀନାଥ ପ୍ରଧାନ, ଅଜିତ ପାତ୍ର, ନାରାୟଣ ମହାନ୍ତି, ଅଶୋକ ନନ୍ଦଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ବନ ସୁରକ୍ଷା ନେଇ ନିଜ ମତ ରଖିଥିଲେ। କୋଟସ୍‌ର ପ୍ରଫେସର ରବିନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



